# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**23th October - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ସାମୁଦ୍ରିକ ଝଡ଼ 'ଦାନା' ବାହ୍ୟବଳୟ ସ୍ଥଳଭାଗ ଛୁଇଁଲା ।

— ଆସନ୍ତାକାଲି ରାତି ସୁଦ୍ଧା ଭିତରକନିକା-ଧାମରା ମଧ୍ୟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ।

— ବାତ୍ୟାର ମୁକାବିଲା ପାଇଁ ସରକାରୀ ସ୍ତରରେ ସମସ୍ତ ପ୍ରସ୍ତୁତି ଜାରି ।

- ସୁଭଦ୍ରା ଯୋଜନାର ହିତାଧିକାରୀ ଚୟନରେ ରାସନକାର୍ଡ଼ ମାପଦଣ୍ଡ ରହିବ ନାହିଁ; ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ।

— ଚାଷୀଙ୍କଠାରୁ ୩ ହଜାର ୧୦୦ ଟଙ୍କାରେ ଧାନ କ୍ରୟ କରିବାପାଇଁ ସରକାରଙ୍କ ନିଷ୍ପତ୍ତି ।

ଏବଂ

- କଟକ ବଡ଼ ମେଡିକାଲ୍‌ରେ ଖୋଲିବ ହୃଦୟ ପ୍ରତିରୋପଣ କେନ୍ଦ୍ର ।

*Desk*

# ବାତ୍ୟା 'ଦାନା'

ସାମୁଦ୍ରିକ ବାତ୍ୟା 'ଦାନା'ର ବାହ୍ୟବଳୟ ସ୍ଥଳଭାଗ ସ୍ପର୍ଶ କରିଛି। ଆସନ୍ତାକାଲି ରାତି କିମ୍ବା ଶୁକ୍ରବାର ଦିନ ସକାଳ ସୁଦ୍ଧା ଭିତରକନିକା–ଧାମରା ମଧ୍ୟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ସୂଚନା ଅନୁସାରେ, ଘୂର୍ଣ୍ଣିଝଡ଼ ସ୍ଥଳଭାଗ ଛୁଇଁବା ପ୍ରକ୍ରିୟା ୫ ଘଣ୍ଟା ଧରି ଚାଲିବ । ଏହି ସମୟରେ ଅତିପ୍ରବଳ ବର୍ଷା ହେବା ସହିତ ଘଣ୍ଟା ପ୍ରତି ପବନର ବେଗ ୧୦୦ରୁ ୧୨୦ କିଲୋମିଟର ରହିବ । ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବା ସମୟରେ ୨ରୁ ୩ ମିଟର ଉଚ୍ଚତାର ଜୁଆର ସମୁଦ୍ରରେ ମାଡ଼ି ଆସିବାର ସମ୍ଭାବନା ରହିଛି ।

ଗତକାଲି ସୃଷ୍ଟ ଅବପାତ ଆଜି ସକାଳ ସୁଦ୍ଧା ସାମୁଦ୍ରିକ ଝଡ଼ରେ ପରିଣତ ହୋଇ ସନ୍ଧ୍ୟା ୬ଟା ସୁଦ୍ଧା ପାରାଦ୍ୱୀପର ଦକ୍ଷିଣ-ପୂର୍ବ ଦିଗରେ ପ୍ରାୟ **୪୫୦** କିଲୋମିଟର ଦୂରରେ ଥିଲା । ଧାମରାଠାରୁ ଏହା ୪୮୦ କିଲୋମିଟର ଦୂରରେ ରହିଛି । ଘଣ୍ଟାପ୍ରତି ୧୨ କିଲୋମିଟର ବେଗରେ ଘୂର୍ଣ୍ଣିଝଡ଼ ଗତି କରି ଓଡ଼ିଶା ଉପକୂଳ ଆଡ଼କୁ ମୁହାଁଉଛି। ଘୂର୍ଣ୍ଣିଝଡ଼ ଧୀରେ ଧୀରେ ଉତ୍ତର ଦିଗରେ ଗତିକରି ଭୀଷଣ ବାତ୍ୟାର ରୂପ ନେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।

ସମ୍ଭାବ୍ୟ ବାତ୍ୟାର ପ୍ରଭାବରେ ଆଜିଠାରୁ ଶୁକ୍ରବାର ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ଭୀଷଣ ବେଗରେ ପବନ ବହିବା ସହିତ ଅତିପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା,

ଜଗତ୍‌ସିଂହପୁର ଓ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ନେଇ ରେଡଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ରାଜନଗର, ଧାମରା ଓ ପାରାଦ୍ୱୀପର କିଛି ଅଞ୍ଚଳରେ ବର୍ଷା ଆରମ୍ଭ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ମୟୂରଭଞ୍ଜ, କଟକ, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଓ ଗଞ୍ଜାମ ଜିଲ୍ଲାରେ ଆସନ୍ତାକାଲି ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ଶୁକ୍ରବାର ଦିନ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ, ଢେଙ୍କାନାଳ ଓ ଅନୁଗୁଳରେ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଉପକୂଳ ଜିଲ୍ଲା ସମେତ ପଶ୍ଚିମ ଓଡ଼ିଶାର ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ରେ ବର୍ଷାରର ପ୍ରଭାବ ରହିବ ବୋଲି ପାଣିପାଗ ବିଭାଗ କହିଛି ।

ସମ୍ଭାବ୍ୟ ବାତ୍ୟା ସମ୍ପର୍କରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି :

***Voice :.............***

ସମ୍ଭାବ୍ୟ ବାତ୍ୟା ପାଇଁ ଧାମରା ଓ ପାରାଦ୍ୱୀପ ବନ୍ଦର ଲାଗି ୪ ନମ୍ବର ବିପଦ ସଙ୍କେତ ଜାରି କରାଯାଇଥିବାବେଳେ ଗୋପାଳପୁରରେ ୮ ନମ୍ବର ଓ ପୁରୀ ପାଇଁ ୧୦ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି । ଅପରପକ୍ଷରେ ବାତ୍ୟାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ଆସନ୍ତା ୩ ଦିନ ପାଇଁ ୨୨୦ରୁ ଊର୍ଦ୍ଧ୍ୱ ଟ୍ରେନ୍ ବାତିଲ କରାଯାଇଛି ।

ବାତ୍ୟାର ପ୍ରଭାବକୁ ଦୃଷ୍ଟିରେ ରଖି ଡାକ୍ତରଖାନାଗୁଡ଼ିକରେ ଆବଶ୍ୟକ ମୁତାବକ ଔଷଧ, ହାଲୋଜିନ୍ ବଟିକା, ଓ.ଆର୍.ଏସ୍., ପାନୀୟଜଳ, ନିରବଚ୍ଛିନ୍ନ ବିଦ୍ୟୁତ ସେବା ଆଦି ସୁନିଶ୍ଚିତ କରିବାକୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ନିମନ୍ତେ ୨୪ ଘଣ୍ଟିଆ ଡାକ୍ତରୀ ସେବା ଯୋଗାଇ ଦେବାକୁ ମେଡିକାଲ୍‌ଗୁଡ଼ିକ ପ୍ରସ୍ତୁତ ରହିଛି ।

ଭିତରକନିକା ଜାତୀୟ ଉଦ୍ୟାନରେ ବାତ୍ୟ ଯୋଗୁଁ କ୍ଷୟକ୍ଷତି ହେବାର ସମ୍ଭାବନା ଥିବାରୁ ବନ ବିଭାଗ କର୍ମଚାରୀଙ୍କୁ ଆଗୁଆ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଭିତରକନିକା ଜାତୀୟ ଉଦ୍ୟାନରୁ କୁମ୍ଭୀରମାନେ ଯେପରି ବାହାରକୁ ନ ଆସନ୍ତି ସେଥିପ୍ରତି ପଦକ୍ଷେପ ନେବାପାଇଁ କୁହାଯାଇଛି।

ବାତ୍ୟା ସମୟରେ ପ୍ରାଣୀଙ୍କ ଖାଦ୍ୟ ଓ ଚିକିତ୍ସା ପାଇଁ ସରକାରଙ୍କ ପକ୍ଷରୁ ଟୋଲ ଫ୍ରି ନମ୍ବର-୧୯୬୨ ଜାରି କରାଯାଇଛି।

***Desk***

## ବାତ୍ୟା - ସ୍ଥାନାନ୍ତରଣ

ସମ୍ଭାବ୍ୟ ବାତ୍ୟା 'ଦାନା' ପାଇଁ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ସ୍ଥାନାନ୍ତରଣ ପ୍ରକ୍ରିୟା ଜାରି ରହିଛି । ଆଜି ସନ୍ଧ୍ୟା ସୁଦ୍ଧା ସ୍ଥାନାନ୍ତର ପ୍ରକ୍ରିୟା ଶେଷ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେ କହିଛନ୍ତି, ଆବଶ୍ୟକସ୍ଥଳେ ୧୦ଲକ୍ଷରୁ ଅଧିକ ଲୋକଙ୍କୁ

ନିରାପଦ ସ୍ଥାନକୁ ସ୍ଥାନାନ୍ତରଣ କରାଯିବ । ଏଥିପାଇଁ ୩ ହଜାରରୁ ଅଧିକ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯାଇଛି । ସେହିଭଳି ସାଢ଼େ ୫ ହଜାରରୁ ଉର୍ଦ୍ଧ୍ୱ ବହୁମୁଖୀ ବାତ୍ୟା-ବନ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି ।

*Kendrapara/R*

## ବାତ୍ୟା - ସୁରକ୍ଷିତ ସ୍ଥାନ

କେନ୍ଦ୍ରାପଡ଼ା ଜିଲ୍ଲାରେ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ସମୁଦ୍ର ଉପକୂଳରେ ରହିଥିବା ୧୪୫ଟି ଗ୍ରାମପଞ୍ଚାୟତର ୩୭୬ଟି ବିପଦସଙ୍କୁଳ ଗ୍ରାମବାସୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି । ଅପରାହ୍ଣ ସୁଦ୍ଧା ୨ ହଜାର ଲୋକଙ୍କୁ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରେ ମୋଟ ୫୯୬ଟି ସ୍ଥାୟୀ ଓ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳରେ ପ୍ରାୟ ୩୫ ହଜାର ଲୋକଙ୍କୁ ସୁରକ୍ଷିତ ଭାବେ ରଖାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ବର୍ତ୍ତମାନ ସୁଦ୍ଧା ୨୮୧ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇସାରିଛି ।

*Desk*

## ବାତ୍ୟା - କଳାବଜାରୀ

ସମ୍ଭାବ୍ୟ ବାତ୍ୟା ସମୟରେ କଳାବଜାରୀକୁ ରୋକିବା ପାଇଁ ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁତ୍ୱାରୋପ କରିଛନ୍ତି । ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ବାତ୍ୟା ଆଶଙ୍କା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ପନିପରିବା ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ରୋକିବା ପାଇଁ ବ୍ୟବସାୟୀ ସଂଘକୁ ପରାମର୍ଶ ଦିଆଯାଇଛି । ଆବଶ୍ୟକତାଠାରୁ ଅଧିକ ଦାମ୍‌ରେ ସାମଗ୍ରୀ ବିକ୍ରୟ କରୁଥିବା ତଥା କଳାବଜାରୀ କରୁଥିବା ବେପାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

*BBSR/R*

## ରାଜ୍ୟ କ୍ୟାବିନେଟ୍

ସୁଭଦ୍ରା ଯୋଜନାରେ ସଂଶୋଧନ ସମେତ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଆଜି ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସୁଭଦ୍ରା ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନ ନିମନ୍ତେ ରାସନକାର୍ଡ଼ ତଥ୍ୟାବଳୀରେ ନିଶ୍ଚିତ ନାମ ଥିବାର ମାନଦଣ୍ଡକୁ ବାଦ୍

ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । କ୍ୟାବିନେଟ୍ ନିଷ୍ପତ୍ତି ଫଳରେ ଖାରଜ ହୋଇଥିବା ୨ ଲକ୍ଷ ୬୭ ହଜାର ଆବେଦନର ପୁନଃବିଚାର ସରକାର କରିବେ ।

ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ସୁଭଦ୍ରା ଯୋଜନାରେ ବର୍ତ୍ତମାନ ସୁଦ୍ଧା ମୋଟ ୧ କୋଟି ୨ ଲକ୍ଷ ହିତାଧିକାରୀ ପଞ୍ଜିକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୬୦ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରାଯାଇଛି । ବିଭିନ୍ନ କାରଣରୁ ୨ ଲକ୍ଷ ୬୭ ହଜାର ଆବେଦନ ଖାରଜ ହୋଇଥିଲା । ଖାରଜ ହୋଇଥିବା ଆବେଦନର ପରୀକ୍ଷା ନିରୀକ୍ଷା କରାଯିବ । ଶ୍ରୀ ଆହୁଜା କହିଛନ୍ତି, ସୁଭଦ୍ରା ଯୋଜନାର ମାର୍ଗଦର୍ଶିକାରେ 'ଇ-କେ.ୱାଇ.ସି.' ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନର ତଥ୍ୟାବଳୀକୁ ବିଚାରକୁ ନିଆଯାଉଥିଲା । କ୍ୟାବିନେଟ୍ ନିଷ୍ପତ୍ତି ଯୋଗୁଁ ଏଣିକି ହିତାଧିକାରୀ ଚୟନ ପାଇଁ ଆଧାର, ଇ-କେ.ୱାଇ.ସି. ମଡ୍ୟୁଲ୍‌କୁ ସରକାର ଗ୍ରହଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

ମୁଖ୍ୟ ଶାସନ ସଚିବ କହିଛନ୍ତି, ରାଜ୍ୟ ସରକାର ଦ୍ରବ୍ୟ ଓ ସେବାକର - ଜି.ଏସ୍.ଟି. ଆଇନରେ ସଂଶୋଧନ ଆଣିଛନ୍ତି । ଏଥିରେ ୩୪ଟି ବିଷୟରେ ସଂଶୋଧନ କରାଯାଇଛି । ଧାନ କୁଇଣ୍ଟାଲ୍ ପିଛା ୩୧ ଶହ ଟଙ୍କାରେ କିଣାଯିବା ନେଇ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି । ରାଜ୍ୟରେ ୪ ହଜାରରୁ ଉର୍ଦ୍ଧ୍ୱ ଧାନକ୍ରୟ କେନ୍ଦ୍ର ଖୋଲାଯିବ ଏବଂ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ସେମାନଙ୍କର ପ୍ରାପ୍ୟ ପ୍ରଦାନ କରାଯିବ ।

ଉଡ଼ାନ୍ ଯୋଜନା  ମାଧ୍ୟମରେ ସରକାର ନୂଆ ନୂଆ ସ୍ଥାନକୁ ବିମାନ ଯୋଗେ ଯାତ୍ରାପାଇଁ ରିହାତି ନୀତିକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସ୍ୱରୂପ କ୍ୟାବିନେଟ୍ ବୈଠକରେ  ଓଡ଼ିଶା ଲୋକସେବା ଆୟୋଗ - ଓ.ପି.ଏସ୍.ସି.ର ଅଧ୍ୟକ୍ଷ ନିଯୁକ୍ତିକୁ ମଧ୍ୟ ଅନୁମୋଦନ ମିଳିଛି ।

***Desk***

# ହୃଦୟ ପ୍ରତିରୋପଣ କେନ୍ଦ୍ର

କଟକ ବଡ଼ମେଡିକାଲରେ ହୃଦୟ ପ୍ରତିରୋପଣ କେନ୍ଦ୍ର ଖୋଲିବା ନେଇ ରାଜ୍ୟ ସରକାରଙ୍କ ସହ ଚେନ୍ନାଇର ଏକ କମ୍ପାନୀ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ବଡ଼ମେଡିକାଲର ସି.ଟି.ଭି.ଏସ୍ ବିଭାଗରେ ଏହି ହୃଦୟ ପ୍ରତିରୋପଣ କେନ୍ଦ୍ରରେ ରୋଗୀଙ୍କୁ ନିଃଶୁଳ୍କ ଭାବେ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟର ୧୪ଟି ଡାକ୍ତରଖାନାରେ ଅଙ୍ଗ ପ୍ରତିରୋପଣ ଭଳି ସୁବିଧା ଉପଲବ୍ଧ ରହିଛି। ବର୍ତ୍ତମାନ ସୁଦ୍ଧା ବଡ଼ମେଡିକାଲରେ ବୃକକ, ଅସ୍ଥି ମଜ୍ଜା ଓ ଯକୃତ ପ୍ରତିରୋପଣ ସୁବିଧା ଉପଲବ୍ଧ ଅଛି।

*****